୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.175 Bhubaneswar Saturday August 17 2024 ୨୬ତମ ବର୍ଷ ସଂଖ୍ୟା-୧୭୫ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଜେଡିକୁ ଧକ୍କା: ବବିଙ୍କୁ ଚକମା ଦେଲେ ବିଶ୍ୱ, ବିଜେପିରେ ମିଶିଲେ ବରୀ ବ୍ଲକ ଅଧ୍ୟକ୍ଷ



ଭୁବନେଶ୍ୱର,୧୬।୮(ପି.ଏନ): ବିଜେଡିର ତଥାକଥିତ ପ୍ରଭାବଶାଳୀ ନେତା ପ୍ରଣବପ୍ରକାଶ ଦାସ ଏବେବି ଦଳୀୟ ମାମଲାରେ ମାମଲାତି ଦେଖାଉଥିବାବେଳେ ଆଜି ତାଙ୍କ ନିଜ ଜିଲ୍ଲା ଯାଜପୁରରେ ବିଜେଡିକୁ ଶକ୍ତଧକ୍କା ଲାଗିଛି । ବରୀରେ ନିଜର ବିଧାୟକ ଥାଇ ମଧ ଦଳକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇପାରିନି ବିଜେଡି । ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡୀ ନିଜର ବହୁ ସମର୍ଥକଙ୍କ ସହ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ବବିଙ୍କ ଖାସ୍ ଅନୁଗତ ବିଶ୍ୱରଞ୍ଜନ ମଲ୍ଲିକ ଚଳିତ ନିର୍ବାଚନରେ 'ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବିଜେଡି ବିଧାୟକ' ବୋଲି ଡିଣ୍ଡିମ ପିଟୁଥିବାବେଳେ ଆଜି ତାଙ୍କର ଘନିଷ୍ଠ ଅଶୋକ କୁମାର ଗେଡୀ ବିଜେପିରେ ସାମିଲ ହୋଇଛନ୍ତି । ଆଉ ବିଶ୍ୱଙ୍କ ଘନିଷ୍ଠ ଅଶୋକ ବିଜେପିରେ ସାମିଲ ହେବାପରେ ଖୋଦ୍ ବିଶ୍ୱ ଏବେ ବବିଙ୍କୁ ଚକମା ଦେଇଥିବା ବିଜେଡି ମହଲରେ ଚର୍ଚ୍ଚା ହେଉଛି ।ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡୀ ବିଜେଡି ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ତାଙ୍କ ସହ ମନ୍ଦାରୀ ପଂଚାୟତ ସରପଂଚ ଧୀରେନ୍ଦ୍ର ଜେନା ଓ ସମିତି ସଭ୍ୟ ଧୀରେନ୍ଦ୍ର ଦାସ, ଅନ୍ୟାସପୁର ପଂଚାୟତ ସଭ୍ୟ ରମେଶ ସାହୁ, କାଳିମାଟିଆ ପଂଚାୟତ ସରପଂଚ ରଶ୍ମିତା ପରିଡା ଓ ସମିତି ସଭ୍ୟ ପ୍ରିୟଙ୍କା ଦାସ, ଅଙ୍ଗାଳ ପଂଚାୟତ ସରପଂଚ ଶକୁନ୍ତଳା ମଲ୍ଲିକ ଓ ସଭ୍ୟ ସ୍ୱପ୍ନାରାଣୀ ସେଠୀ, ଅଟିରା ପଂଚାୟତ ସଭ୍ୟ ପ୍ରୀତିରଞ୍ଜନ ଜେନା, ଉଦୟନାଥପୁର ପଂଚାୟତ ସଭ୍ୟା ନିର୍ଝରିଣୀ ସାମଲ, କିମ୍ବିରିଆପାଳ ପଂଚାୟତ ସଭ୍ୟା କାବେରୀ ମଲ୍ଲିକ, ବରୀ ପଂଚାୟତ ସଭ୍ୟ ସଞ୍ଜୀବ ଜେନା, ବାଲିଆ ପଂଚାୟତ ସଭ୍ୟା ମାନସୀ ଦାସ,ବାଲିବିଲି ପଂଚାୟତ ସଭ୍ୟା ସୁଧାଂଶୁବାଳା ସାମଲଙ୍କ ସମେତ ଗୋଲକୁଣ୍ଡ ପଂଚାୟତ ସରପଂଚ ସବିତା ବେହେରା, ଇଷାଣପୁର ପଂଚାୟତ ସରପଂଚ ମାମିନା ଦାସ, ଚନ୍ଦନପୁର ପଂଚାୟତ ସରପଂଚ ଚପଳା ମଲ୍ଲ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି । ଏହି ସମସ୍ତ ନିର୍ବାଚିତ ଜନପ୍ରତିନିଧିମାନେ ବିଜେଡି ସମର୍ଥିତ ଥିଲେ । ଏହି ସରପଂଚ ଓ ସମିତି ସଭ୍ୟଙ୍କ ବହୁ ସମର୍ଥକ ମଧ ବିଜେପିରେ ସାମିଲ ହୋଇଛନ୍ତି । ସମସ୍ତଙ୍କୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣପର୍ବରେ ବିଜେପିର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପରେ ୨୯ଟି ପଂଚାୟତ ବିଶିଷ୍ଟ ବରୀ ପଂଚାୟତ ସମିତିରେ ବିଜେପିର ପଲା ଭାରି ହୋଇଛି ।

## ଜମ୍ମୁ ଓ କଶ୍ମୀରରେ ଲୋକସଭା ନିର୍ବାଚନ- ବୁଲେଟ୍ ଉପରେ ବାଲାଟର ବିଜୟ



ଭୁବନେଶ୍ୱର,୧୬।୮(ପି.ଏନ): ବିଧାନସଭା ନିର୍ବାଚନ ତାରିଖ ଘୋଷଣା ସମୟରେ ଜମ୍ମୁ ଓ କଶ୍ମୀରରେ ଲୋକସଭା ନିର୍ବାଚନ କଥା ମନେ ପକାଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର। କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ବୁଲେଟ୍ ଉପରେ ବାଲାଟର ବିଜୟ ବୋଲି ସେ କହିଛନ୍ତି।ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, '୧୯ ଏପ୍ରିଲରୁ ମେ ୨୫ ମଧ୍ୟରେ ପାଞ୍ଚଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଲୋକସଭା ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ୫୮.୫୮% ଥିଲା। ନିର୍ବାଚନ ପର୍ବରେ ଯେଉଁଭଳି ଭାବେ ବିପୁଳ ସଂଖ୍ୟାର ଭୋଟର ଅଂଶଗ୍ରହଣ କରିଥିଲେ ଏବଂ ଧାଡିରେ ଛିଡ଼ା ହୋଇ ନିଜର ମତ ସାବ୍ୟସ୍ତ କରିଥିଲେ, ସେଥିରୁ ପ୍ରମାଣିତ ଯେ ,ଲୋକମାନେ କେବଳ ପରିବର୍ତ୍ତନ ଚାହୁଁ ନାହାନ୍ତି, ବରଂ ପରିବର୍ତ୍ତନର ଏକ ଅଂଶ ହେବାକୁ ମଧ ଚାହୁଁଛନ୍ତି।

## ମୋଦିଙ୍କୁ କଲ୍ କଲେ ମହମ୍ମଦ ୟୁନୁସ୍; ହିନ୍ଦୁଙ୍କ ସୁରକ୍ଷାକୁ ନେଇ ଦେଲେ ଆଶ୍ୱାସନା



ଭୁବନେଶ୍ୱର,୧୨।୯(ପି.ଏନ): ବାଂଲାଦେଶରେ ହିନ୍ଦୁ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକଙ୍କ ସୁରକ୍ଷାକୁ ନେଇ ଆଶ୍ୱାସନା ଦେଇଛନ୍ତି ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ। ୟୁନୁସ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଲ୍ କରି ସୁନିଶ୍ଚିତ କରାଇଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ ପୋଷ୍ଟ ଯୋଗେ ସ୍ପଷ୍ଟ କରିଛନ୍ତି।ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ପୋଷ୍ଟରେ କହିଛନ୍ତି, ଆଜି ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ କଲ୍ କରିଥିଲେ। ଦେଶରେ ଚାଲିଥିବା ବର୍ତ୍ତମାନ ପରିସ୍ଥିତି ଉପରେ ସେ ମତ ବିନିମୟ କରିଛନ୍ତି।

### ଜେକଲ ଏବଂ ହାଇଡଙ୍କ ଭଳି ବ୍ୟବହାର କରୁଛନ୍ତି ମମତା ବାନାର୍ଜୀ: ବେଙ୍ଗଲ ରାଜ୍ୟପାଳ



ଭୁବନେଶ୍ୱର,୧୬।୮(ପି.ଏନ): କୋଲକାତା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କଥାବାର୍ତ୍ତାକୁ ହାସ୍ୟାସ୍ପଦ କହିଛନ୍ତି ରାଜ୍ୟପାଳ ସିଭି ଆନନ୍ଦ ବୋଷ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜେକଲ ଏବଂ ହାଇଡଙ୍କ ଭଳି ବ୍ୟବହାର କରୁଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି। କୋଲକାତାର ଏହି ଘଟଣାକୁ ନେଇ ଦେଶବ୍ୟାପୀ ବିଭିନ୍ନ ହସ୍ପିଟାଲରେ ଧର୍ମଘଟ ଜାରି ରହିଛି। ଏହାରି ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆନ୍ଦୋଳନକାରୀଙ୍କ ସହ ଯୋଗ ଦେବା ସହ ରାଜ୍ୟପାଳଙ୍କୁ ଭେଟି ଘଟଣା ବାବଦରେ ଆଲୋଚନା କରିଛନ୍ତି।

## ଅଜୟ କୁମାରଙ୍କ ଫତଓ୍ୱା: ମିଡିଆରେ ଦଳର ଆଭିମୁଖ୍ୟ ରଖିପାରିବେ କେବଳ ୪ କଂଗ୍ରେସ ନେତା



ଭୁବନେଶ୍ୱର,୧୬।୮(ପି.ଏନ): ରାଜ୍ୟରେ କଂଗ୍ରେସର ନୂଆ ଷ୍ଟିୟରିଂ କମିଟିକୁ ନେଇ ଦଳୀୟ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ଦଳର ଓଡିଶା ପ୍ରଭାରୀ ଅଜୟ କୁମାର ଆଜି ଏକ ଫତଓ୍ୱା ଜାରି କରିଛନ୍ତି । କଂଗ୍ରେସ ପକ୍ଷରୁ ଗଣମାଧ୍ୟମକୁ ଆନୁଷ୍ଠାନିକ ବୟାନ ଦଳର ୪ଜଣ ନେତା ହିଁ ଦେଇପାରିବେ ବୋଲି ଅଜୟ କୁମାରଙ୍କ ଦସ୍ତଖତରେ ପ୍ରେସ୍ ରିଲିଜ୍ ଜାରି ହୋଇଛି । ଯାହାକୁ ନେଇ ଦଳରେ ବଢୁଥିବା ଅସନ୍ତୋଷ ତୀବ୍ର ରୂପ ନେବାର ଆଶଙ୍କା ରହିଛି । ଆଜି ଏଆଇସିସିର ଓଡିଶା ପ୍ରଭାରୀ ଅଜୟ କୁମାରଙ୍କ ଦସ୍ତଖତରେ ଜାରି ଏକ ପ୍ରେସ୍ ରିଲିଜ ଜାରି ହୋଇଛି । ଯେଉଁଥିରେ ଦଳର ୪ଜଣ ନେତା- ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା, ଶ୍ରୀକାନ୍ତ ଜେନା ଓ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ମିଡିଆରେ ଆନୁଷ୍ଠାନିକ ବୟାନ ଦେବା ପାଇଁ ଏଆଇସିସି(ଅଖିଳ ଭାରତୀୟ କଂଗ୍ରେସ କମିଟି) ଦ୍ୱାରା ନିଯୁକ୍ତି ଦିଆଯାଇଥିବା ନେଇ ଉଲ୍ଲେଖ ରହିଛି । ଅର୍ଥାତ୍ ଦଳର ଅନ୍ୟ ବରିଷ୍ଠ ନେତାମାନେ ଗଣମାଧ୍ୟମକୁ ଯେଉଁ ବୟାନ ଦେବେ ତାହା କଂଗ୍ରେସର ମତ ଭାବେ ବିବେଚ୍ନା କରାଯିବ ନାହିଁ ବୋଲି ପରୋକ୍ଷରେ ଚେତାଇ ଦେବାକୁ ପ୍ରୟାସ କରିଛନ୍ତି ଅଜୟ କୁମାର ।

## ଆଗାମୀ ୩ ଘଣ୍ଟାରେ ୫ ଜିଲ୍ଲାରେ ବର୍ଷା, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ



ଭୁବନେଶ୍ୱର,୧୬।୮(ପି.ଏନ); ରାଜ୍ୟ ତଥା ଦେଶରେ ବର୍ଷା ଜାରି ରହିଛି। ଅନେକ ସ୍ଥାନରେ ପ୍ରବଳ ବର୍ଷା ଯୋଗୁଁ ନଦୀ ନାଳ ଜଳରେ ପରିପୂର୍ଣ୍ଣ ହୋଇ ରାସ୍ତାଘାଟରେ ପାଣି ଜମିବା ଦେଖିବାକୁ ମିଳୁଛି। ଏଥିରେ ଯାତାୟତ ପ୍ରଭାବିତ ହେଉଛି। ତେବେ ଏହାରି ମଧ୍ୟରେ ଆଗାମୀ ୩ ଘଣ୍ଟାରେ ୫ଟି ଜିଲ୍ଲାରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ ଆକଳନ କରାଯାଇଛି।ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରାଯାଇଛି। ଏହି ୫ଟି ଜିଲ୍ଲା ଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ ଏବଂ ପୁରୀ। ତେବେ ବର୍ତ୍ତମାନ କଟକ ଏବଂ ରାଜଧାନୀରେ ସକାଳୁ ସକାଳୁ ଝିପିଝିପି ବର୍ଷା ଲାଗିରହିଛି।

## ଓ୍ୱାଇ ବି ଖୁରାନିଆ ନୂତନ ପୋଲିସ ନିର୍ଦ୍ଦେଶକ



ଭୁବନେଶ୍ୱର,୧୬।୮(ପି.ଏନ): ୧୯୯୦ ବ୍ୟାଚର ଆଇପିଏସ ଅଫିସର ଓ୍ୱାଇ ବି ଖୁରାନିଆ ଓଡ଼ିଶାର ୩୮ତମ ପୋଲିସ ମହାନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କେନ୍ଦ୍ରୀୟ ସୀମା ସୁରକ୍ଷାବଳର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ପଦବୀରେ ଥିଲେ। ଆଜି ରାଜ୍ୟ ପୋଲିସ କାର୍ଯ୍ୟାଳୟରେ ବିଦାୟୀ ଭାରପ୍ରାପ୍ତ ନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ସମଗ୍ର ରାଜ୍ୟରେ ସେ ସୁପରିଚିତ। ଗଞ୍ଜାମ, ମୟୂରଭଞ୍ଜ, ରାଉରକେଲା ଏସ.ପି. ଓ ଭୁବନେଶ୍ୱର ପୋଲିସ କମିଶନର ଭାବେ ସେ ଉଚ୍ଚ ପ୍ରଶଂସିତ। ବହୁ ଚର୍ଚ୍ଚିତ ଗ୍ରାମଷ୍ଟେନ ଓ ତାଙ୍କ ଦୁଇ ଶିଶୁପୁତ୍ର ହତ୍ୟାକାରୀ ଦାରା ସିଂଙ୍କୁ ଗିରଫ କରି ସେ ସମଗ୍ର ଭାରତ ବର୍ଷରେ ଚର୍ଚ୍ଚାକୁ ଆସିଥିଲେ। ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଯଥେଷ୍ଟ ସୁନାମ ଅର୍ଜନ କରିଥିଲେ।

## ଗୌତମବୁଦ୍ଧ ଦାସଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଲେ ପ୍ରତାପ ନନା





ଭୁବନେଶ୍ୱର,୧୬।୮(ପି.ଏନ): ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ମିଛ କହୁଛନ୍ତି। ବାବା ଭୁଷଣ୍ଡେଶ୍ୱର ମନ୍ଦିର ପାଇଁ ଯଦି ଟଙ୍କା ଆସିଛି, ତାହାର ପ୍ରମାଣ ଦିଅନ୍ତୁ। ମନ୍ଦିର ନିର୍ମାଣ ପାଇଁ ଟଙ୍କା ଆସିଥିବାର ଓ ଫେରି ଯାଇଥିବାର ପ୍ରମାଣ ବିଧାୟକ ଦେଇଦେଲେ ମୁଁ ରାଜନୀତି ଛାଡିଦେବି। ଆଜି ଏମିତି ଢଙ୍ଗରେ ଗୌତମବୁଦ୍ଧ ଦାସଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ।ଆଜି ଶ୍ରୀ ଷଡଙ୍ଗୀ କହିଛନ୍ତି, ବିଧାୟକଙ୍କ ଆରୋପର କୌଣସି ଆଧାର ନାହିଁ। ମୁଁ ବିଧାୟକଙ୍କୁ ଆହ୍ୱାନ କରୁଛି, ସିଏ ତାଙ୍କ କଥାର ପ୍ରମାଣ କରାନ୍ତୁ। ଟଙ୍କା ଆସିବା ଚିଠି ଦେଖାନ୍ତୁ। ଯଦି ସିଏ ପ୍ରମାଣ ଦେଖାଇଦେବେ, ତାହାହେଲେ ମୁଁ ରାଜନୀତି ଛାଡିଦେବି। ମନ୍ଦିର ନିର୍ମାଣ ଟଙ୍କା ଆସିନାହିଁ। କେବଳ ଘୋଷଣା ହୋଇଥିଲା। କିଏ ଘୋଷଣା କରିଥିଲା ପାଣ୍ଡିଆନ୍ ଘୋଷଣା କରିଥିଲା। ଏଇଟା କଣ କାହା ବୋପା ଜମିଟା କି ପାଣ୍ଡିଆନ୍ ଘୋଷଣା କରିଦେବ ମୁଁ ପଚାରିବାକୁ ଚାହେଁ କେଉଁ ଆଧାରରେ ଘୋଷଣା ହୋଇଥିଲା ଏଥିପାଇଁ ବଜେଟ୍‌ରେ କୌଣସି ବ୍ୟବସ୍ଥା ହୋଇଥିଲା କି ବିଧାୟକ ଯାହା କହୁଛନ୍ତି, ତାହା ସତ୍ୟ ନୁହେଁ। କିନ୍ତୁ ଆମେ ବାବା ଭୁଷଣ୍ଡେଶ୍ୱର ପୀଠର ଉନ୍ନତି ପାଇଁ ସର୍ବାଙ୍ଗ ଉନ୍ନତି କରିବୁ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି।

## ବାମ ଦଳ ଓ ବିଜେପି ବିରୋଧରେ ବିଷ ଉଗାରିଲେ ମମତା




ଭୁବନେଶ୍ୱର,୧୬।୮(ପି.ଏନ): କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଜୋର ଧରିଛି ରାଜନୀତି। ଗୁରୁବାର ଆନ୍ଦୋଳନକାରୀମାନେ ଏହି ମେଡିକାଲ କଲେଜ ଓ ହସ୍ପିଟାଲକୁ ଧସେଇ ପଶିବା ସହିତ ଭଙ୍ଗାରୁଜା କରିଥିବା ବେଳେ ଏହା ପଛରେ ବାମ ଦଳ ଓ ବିଜେପିର ମିଳିତ ଷଡଯନ୍ତ୍ର ରହିଛି ବୋଲି ଆଜି କହିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।ଉଭୟ ଗୃହ ଓ ସ୍ୱାସ୍ଥ୍ୟ ବିଭାଗକୁ ନିଜ ପାଖରେ ରଖିଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣା ପାଇଁ ବିରୋଧୀଙ୍କ ନିଶାନାରେ ଥିବା ବେଳେ ସେ ଅଭିଯୋଗ କରିଛନ୍ତି ଯେ ଏହି ଦୁଷ୍କର୍ମ ଓ ହତ୍ୟା ଘଟଣାର ସତ୍ୟକୁ ଅସ୍ପଷ୍ଟ ରଖିବାକୁ ବିରୋଧୀମାନେ ଉଦ୍ୟମ କରୁଛନ୍ତି। କୋଲକାତାରେ ଏକ ରାଲିରେ ସେ କହିଛନ୍ତି, ଆମେ ଚାହୁଁଛୁ ସତ ସାମ୍ନାକୁ ଆସୁ। କିନ୍ତୁ କିଛି ଲୋକ ମିଥ୍ୟା କଥା ପ୍ରଚାର କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ସୋଶାଲ ମିଡିଆରେ ମିଛ ଖବର ପ୍ରସାରଣ କରାଯାଇ ସତକୁ ଲୁଚାଇବାକୁ ଚେଷ୍ଟା କରାଯାଉଛି। ଆମେ ଏଭଳି କାର୍ଯ୍ୟକୁ ନିନ୍ଦା କରୁଛୁ। ଆମେ ଚାହୁଁଛୁ ଦୋଷୀମାନଙ୍କୁ ଦଣ୍ଡ ମିଳୁ।ମମତା କହିଛନ୍ତି, ବାମ ଦଳ ଓ ବିଜେପି ମଧ୍ୟରେ ଥିବା ଭିତିରି ବୁଝାମଣା କଥା ସାମ୍ନାକୁ ଆସିବା ଉଚିତ। ଆରଜି କର ହସ୍ ?ପିଟାଲରେ ହିଂସାକାଣ୍ଡ ପଛରେ ସିପିଆଇଏମ୍ ଓ ବିଜେପିର ହାତ ଅଛି। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ହସ୍‌ପିଟାଲରେ ଭଙ୍ଗାରୁଜା କରିଛନ୍ତି। ବାମ ଦଳ ଓ ବିଜେପି ପଶ୍ଚିମବଙ୍ଗରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଏହି କାର୍ଯ୍ୟ କରିବାକୁ ଏକାଠି ହୋଇଛନ୍ତି। ଯେଉଁମାନେ ହସ୍ପି ?ପିଟାଲରେ ଭଙ୍ଗାରୁଜା କରିଥିଲେ, ସେମାନେ ସମସ୍ତେ ବାହାର ଲୋକ। ମୁଁ ଭିଡିଓ ଦେଖିଛି। ସେହି ଭିଡିଓଗୁଡିକରେ ଲୋକେ ବିଜେପି ଓ ସିପିଆଇଏମ୍ ?ର ଦଳୀୟ ପତାକା ଧରିଥିବା ଦେଖିବାକୁ ମିଳିଛି।

## ସହିଦ ଯବାନଙ୍କ ପରିବାରକୁ ମିଳିବ ୫ ଲକ୍ଷ ଟଙ୍କା: ସ୍ୱାଧୀନତା ଦିବସରେ ରାଜ୍ୟପାଳଙ୍କ ଘୋଷଣା



ଭୁବନେଶ୍ୱର,୧୬।୮(ପି.ଏନ): ଆଜି ୭୮ ତମ ସ୍ୱାଧୀନତା ଦିବସ ଅବସରରେ ଉତ୍ସବମୁଖର ହୋଇଛି ସାରା ଭାରତ । କିନ୍ତୁ ଆଜି ଭଳି ଦିନରେ କାନ୍ଦି ଉଠିଛି ଦେଶକୁ ରକ୍ଷା କରିବା ପାଇଁ ସୀମାରେ ସହିଦ ହୋଇଥିବା ବୀର ଯବାନଙ୍କ ପରିବାର । ଏହାସହିତ ଏହି ଶୋକସନ୍ତପ୍ତ ପରିବାରର ଦୁଃଖରେ କାନ୍ଦୁଛି ଓଡିଶାର ଲୋକପ୍ରିୟ ଡିଜିଟାଲ ମିଡିଆ ଓଡିଶା ଭାସ୍କର । ତେଣୁ ସ୍ୱାଧୀନତା ଦିବସ ଅବସରରେ ଓଡିଶା ଭାସ୍କର ପରିବାର ତରଫରୁ ବୀର ଯବାନଙ୍କ ସ୍ମରଣ ଉଦ୍ଦେଶ୍ୟରେ ପାଳନ ହୋଇଯାଇଛି 'ମା ତୁଝେ ସଲାମ୍' । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟପାଳ ସହିଦ ଯବାନମାନଙ୍କୁ ଏକ ବଡ ସମ୍ମାନ ଦେଇଛନ୍ତି । ସହିଦ ଯବାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି ରାଜ୍ୟପାଳ ।ସ୍ୱାଧୀନତା ଦିବସ ଅବସରରେ ଓଡିଶାର ବୀର ସହିଦ ଯବାନମାନଙ୍କୁ ସ୍ମରଣ କରିବା ପାଇଁ ଏବଂ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ଓଡିଶା ଭାସ୍କର ପାଳନ କରୁଛି ୧୫ତମ 'ମା ତୁଝେ ସଲାମ୍' । ଏଥିରେ ଭାରତ ପାଇଁ ସହିଦ ହୋଇଥିବା ବୀର ଯବାନଙ୍କ ପରିବାରକୁ ନିମନ୍ତ୍ରଣ କରି ସେମାନଙ୍କୁ ସମ୍ମାନିତ କରିଛି ଓଡିଶା ଭାସ୍କର । ଆଜିର ଏହି ମହତ୍ କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ଶ୍ରୀ ରଘୁବୀର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । 'ମା ତୁଝେ ସଲାମ୍' କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟପାଳ ସହିଦଙ୍କ ପରିବାରକୁ ସମ୍ମାନିତ କରିବା ସହ ସେମାନଙ୍କ ପାଇଁ ବୀରତାର ପ୍ରତିଦାନ ଘୋଷଣା କରିଛନ୍ତି । ଦେଶ ପାଇଁ ପ୍ରାଣବଳି ଦେଇଥିବା ବୀର ସହିଦ ଯବାନମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ରାଶି ଘୋଷଣା କରିଛନ୍ତି ରାଜ୍ୟପାଳ ।'ମା ତୁଝେ ସଲାମ୍' କାର୍ଯ୍ୟକ୍ରମରେ ଓଡିଶାର ୫ ବୀର ଯବାନଙ୍କୁ ସମ୍ମାନୀତ କରାଯାଇଛି । ସହିଦ ପ୍ରକାଶ ଚନ୍ଦ୍ର ଶିଅଳ, ସିଦ ପ୍ରତାପ ରଞ୍ଜନ ପରିଡା ଏବଂ ସହିଦ ସରୋଜ କୁମାର ଦାସଙ୍କ ସମେତ ସହିଦ ସମୀର କୁମାର ଜାଲ ଏବଂ ସହିଦ ଭାଗୀରଥ ମହାନ୍ତିଙ୍କ ପରିବାରକୁ ସମ୍ମାନିତ କରିଛି ଓଡିଶା ଭାସ୍କର । ଓଡିଶା ଭାସ୍କରର ଏଭଳି ଏକ ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରିଛନ୍ତି ରାଜ୍ୟପାଳ ରଘୁବର ଦାସ । ଓଡିଶାର ରାଜ୍ୟପାଳଙ୍କ ବ୍ୟତୀତ କାର୍ଯ୍ୟକ୍ରମରେ ଭାରତୀୟ ସେନାର ବିଭାଗର ପ୍ରମୁଖ ଅଧିକାରୀ ଏବଂ ସିନେ କଳାକାରଙ୍କ ସହ ଓଡିଶା ଭାସ୍କର ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଛନ୍ତି ହ୍ରିତିକ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ।ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ୍ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରୁସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରୁସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରୁସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ






ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଧ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି..

ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚ୍ଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ୍ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ୍ଚନ ସୁବିଧା ଥିବା ଡିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ୍ଚାଷ କଲେ ଚ୍ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ୍ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ୍ଚାଷ କରୁଥିଲେ ସର୍ବଦା ବଜାର ଚ୍ଚାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ୍ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ୍ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ୍ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ୍ଚୟନ ଏବଂ ଖାଦ୍ୟ ସାର ପରିଚ୍ଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ୍ଚାଳନା କଲେ ଚ୍ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ୍ଚୟନ**

ଗାଁ ଗହଳି ରେ ଚ୍ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ୍ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ୍ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ୍ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ୍ଚାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚ୍ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ୍ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ୍ଚିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃର୍ଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୀଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃର୍ଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ୍ଚୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୂତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ୍ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।



ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ଆମ ପରିବେଶ, କୃଷି ଓ କୃଷକ

ସମଗ୍ର ଭାରତବର୍ଷରେ କୃଷି ଓ କୃଷକଙ୍କର ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟା ପ୍ରତିଦିନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହେଉଛି। ଆଜି ଯେଉଁ ମରୁଡ଼ି ଦେଖାଦେଇଛି ତା' ମୂଳରେ ଆମ ପରିବେଶ ଦାୟୀ। ଆମେ ଅତି ଅମାନୁଷିକ ଭାବରେ ଜଙ୍ଗଲ କାଟିଚାଲୁଛୁ। ଯାହାଫଳରେ ଆମକୁ ଏ ଦଶା ଭୋଗିବାକୁ ପଡୁଛି। ସଠିକ୍ ବୃଷ୍ଟିପାତ ହେଉନାହିଁ। ସୂର୍ଯ୍ୟଙ୍କ ତେଜ ପ୍ରଖର ହେଉଛି। ସରକାରଙ୍କ ତରଫରୁ ପରିବେଶ ଉପରେ ଯେତେ ସଚେତନ କରାଗଲେ ମଧ୍ୟ ଏହାର ପ୍ରଭାବ ମାନବ ସମାଜ ଉପରେ ଆଦୌ ପଡୁନାହିଁ। ଭାଗବତ ବାଣୀ ଅନୁସାରେ- ***"ଆପଣା ହସ୍ତେ ଜିହ୍ୱାଚ୍ଛେଦି। କେ ତା'ର ଅଛି ପ୍ରତିବାଦୀ॥"***

ସମଗ୍ର ବିଶ୍ୱରେ ଯେଉଁ ବିଶ୍ୱତାପନ କଥାଟି ଚର୍ଚ୍ଚା ହେଉଛି ତାହା ଆମମାନଙ୍କ ପାଇଁ ତଥା ପ୍ରାଣୀସମାଜ ପାଇଁ ଏକ ବଡ଼ ଆହ୍ୱାନ। ଏହାକୁ କେତେଦୂର ପ୍ରାଣୀ ସମାଜ ଗ୍ରହଣ କରୁଛି ଓ ଏହାସହ ତାଳ ଦେଇ ନିଜକୁ ତିଷ୍ଠି ପାରୁଛି, ତାହା ଦେଖିବାର ବିଷୟ। ଚୀନ ଭଳି ବଡ଼ବଡ଼ ଦେଶର ସହରମାନଙ୍କରେ ପରିବେଶ ଏତେ ପ୍ରଦୂଷିତ ହୋଇଗଲା ଯେ କେତେଦିନ ପର୍ଯ୍ୟନ୍ତ ସ୍କୁଲ୍ କଲେଜ ବନ୍ଦ କରିବାକୁ ପଡ଼ିଲା। ଏଥିରୁ ମଧ୍ୟ ଆମ ରାଜଧାନୀ ଦିଲ୍ଲୀର ସମଅବସ୍ଥା ହୋଇଛି। ଏ ସବୁ କଥା ଭାବିଲେ ଏହି ମଣିଷ ସମାଜର ଅସ୍ତିତ୍ୱ କେତେଦୂର ତିଷ୍ଠିପାରୁଛି ତାହା ଦେଖିବାର କଥା। ଭାରତବର୍ଷର ଲୋକସଂଖ୍ୟା କେତେଦୂର ଗାଡ଼ି, ମଟର, କଳକାରଖାନା ଏତେ ପରିମାଣରେ ବୃଦ୍ଧି ପାଉଛି ଯାହାକି କିଛି ବର୍ଷ ମଧ୍ୟରେ ସମଗ୍ର ଭାରତରେ ଏଭଳି ଅବସ୍ଥା ସୃଷ୍ଟି ନହେବ କିଏ କହିବ!

ଅଦିନେ ବର୍ଷା, ଶୀତରେ ପ୍ରକୋପ ହ୍ରାସ, ସୂର୍ଯ୍ୟଙ୍କ ତେଜବୃଦ୍ଧି, ଅଦିନେ ଲଘୁଚାପ ଆଦି କାରଣ ପାଇଁ ଚାଷୀକୁଳ ଏବେ ଏକ ଆହ୍ୱାନର ସମ୍ମୁଖୀନ ହେଉଛି। ଏବେ ଆମେମାନେ ବଦଳୁଥିବା ଜଳବାୟୁ ସହିତ କିପରି ଖାପଖୁଆଇ ଚଳିବା, ତାହା ଆମମାନଙ୍କ ପାଇଁ ଏକ କଷ୍ଟ ସମସ୍ୟା। ପରିବେଶର ଏହି ପରିବର୍ତ୍ତନ ଯୋଗୁ ଅନେକ ନୂତନ ରୋଗ ସୃଷ୍ଟି ହେଉଛି। ଯାହାକୁ କି ବିଶେଷଜ୍ଞମାନେ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। କର୍କଟ ଭଳି ମାରାତ୍ମକ ରୋଗ କବଳରେ କବଳିତ ଭାରତବାସୀ। ଆଉ କିଛିବର୍ଷ ପରେ ହୁଏତ ଆମ ଦେଶ ମଧୁମେହର ରାଜଧାନୀ ହେବାକୁ ଯାଉଛି। ଆମେ କୃଷିର ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର, କୀଟନାଶକ ଆଦି କୃଷିକାର୍ଯ୍ୟରେ ବ୍ୟବହାର କରୁଛେ, ଯାହାକି ଆମ ସ୍ୱାସ୍ଥ୍ୟପାଇଁ ଅନେକ ବିପଦ ସୃଷ୍ଟିକରୁଛି। ଗୋଟିଏ ପଟେ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ପାଇଁ ଶସ୍ୟ ଅଧିକ ଅମଳ ଲାଗି ଏଭଳି ଉପାୟ ଅବଲମ୍ବନ କରୁଥାଇପାରୁ, ମାତ୍ର ପରୋକ୍ଷରେ ଆମ ସ୍ୱାସ୍ଥ୍ୟ ପାଇଁ ଅନେକଗୁଡ଼ିଏ ସମସ୍ୟା ସୃଷ୍ଟି କରିଚାଲିଛୁ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ କୃଷକ ଆମ ଦେଶର ମେରୁଦଣ୍ଡ। ଯିଏକି ସମଗ୍ର ଦେଶକୁ ଖାଦ୍ୟ ଯୋଗାଉଛି। ସୈନିକଟି ଯେଭଳି ନିଜ ଜୀବନକୁ ବିପନ୍ନ କରି ଦେଶମାତୃକାର ଟେକ ରଖିବା ପାଇଁ କାର୍ଯ୍ୟ କରିଥାଏ, କୃଷକଟି ମଧ୍ୟ ଦେଶର କୃଷିର ଅଭିବୃଦ୍ଧି ପାଇଁ ଓ ଖାଦ୍ୟର ସ୍ୱାବଲମ୍ବୀ ପାଇଁ ଦେଶବିଦେଶରେ ସୁଖ୍ୟାତି ବଢ଼ାଇବା ପାଇଁ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଦେଶ ଗଠନରେ କୃଷକଟିର ଭୂମିକା ମଧ୍ୟ ଅନସ୍ୱୀକାର୍ଯ୍ୟ। ଏତିକି ପାର୍ଥକ୍ୟ ସୈନିକ ସରକାରଙ୍କ ଅଧିନରେ କେଇଟା ବର୍ଷ କାମକରି ବଞ୍ଚିଥିବା ଯାଏ ଭତ୍ତା ପାଏ । ମାତ୍ର କୃଷକଟି ଜୀବନସାରା ନିଜ ଜୀବନକୁ ପାଣି ଛଡ଼ାଇ କଠିନ ପରିଶ୍ରମ କରି ପରିଣତ ବୟସରେ ସରକାରଙ୍କ ପାଖରେ ସମାଜରେ ଏପରିକି ନିଜ ପରିଜନଙ୍କ ପାଖରେ ଅଲୋଡ଼ା ହୋଇପଡେ। ଦିନ ଥିଲା ଯେତେବେଳେ କୃଷିକୁ ଓ କୃଷକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିଲା। ମାତ୍ର ସେ ସମୟ ଏବେ ବଦଳିଯାଇଛି। ଆଜି କୃଷକଟି କୃଷିକାର୍ଯ୍ୟ କରି ନିଜେ ସର୍ବସ୍ୱାନ୍ତ ହୋଇପଡୁଛି। ପରିବର୍ତ୍ତନଶୀଳ ଜଳବାୟୁ ସହିତ ଖାପ ଖୁଆଇ କୃଷିକାର୍ଯ୍ୟ ଠିକ୍ ଭାବରେ କରିପାରୁନାହିଁ। ଅଦିନ ମେଘ, ଅଦିନେ ଖରା ତାହା ପାଇଁ ଶତୃରୂପେ ଉଭା ହେଉଛି। ଅଧିକ ଅମଳ ଓ ଲାଭ ଆଶାରେ ବିଭିନ୍ନ ସଂସ୍ଥାରୁ ଋଣ ନେଇ ସେ କୃଷିକାର୍ଯ୍ୟ କରୁଛି; ମାତ୍ର ସଠିକ୍ ଫସଲ ଅମଳ କରିନପାରି କ୍ଷତି ସହୁଛି। ଋଣଭାରରେ ଉବୁଟୁବୁ ହୋଇ ନିଜର ପ୍ରାଣ ବିସର୍ଜନ କରିବାକୁ ପଛାଉନାହିଁ। ଏବେ ନିକଟ ଅତୀତରେ କେତେ ଯେ କୃଷକ ଏଭଳି ପନ୍ଥାକୁ ଆପଣାଇ ନେଇଛନ୍ତି ତାହା ଗଣିବା କଷ୍ଟକର।

ଏହା ଦେଶପାଇଁ ଶୁଭଙ୍କର ନୁହେଁ। ଯଦି ଏଭଳି ଅବସ୍ଥା ଲାଗିରହେ କେହି ଜଣେହେଲେ କୃଷିକାର୍ଯ୍ୟ କରିବାକୁ ଆଗଭର ହେବେନାହିଁ। ଋଷ ଭଳି ଦଶା ଆମମାନଙ୍କୁ ଦିନେ ନା ଦିନେ ଭୋଗିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ। ସରକାର କୃଷିକୁ ଯେତେ ପ୍ରୋତ୍ସାହନ ଦେଉଛନ୍ତି ତା' ତୁଳନାରେ କୃଷକକୁ ସେତିକି ପ୍ରୋତ୍ସାହନ ମିଳୁନାହିଁ। ଭଗବାନ କରନ୍ତୁ ସରକାରଙ୍କ ସଦ୍‌ବୁଦ୍ଧି ଉଦୟ ହେଉ। କୃଷକକୁ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ମିଳୁ। ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ କୃଷକଟି ଯେଭଳି କୃଷିକାର୍ଯ୍ୟ କରିପାରିବ, ସେଥିନିମନ୍ତେ କିଭଳି ଓ କେଉଁପ୍ରକାର କୃଷି କରିବ, ସେଥିନିମନ୍ତେ ସରକାର ସେମାନଙ୍କୁ ସଚେତନ ବା ତାଲିମ୍ ଦେବା ବିଧେୟ। ଯଦ୍ୱାରା ଦେଶ ଖାଦ୍ୟଶସ୍ୟ ଉପରେ ଆତ୍ମନିର୍ଭରଶୀଳ ହେବା ସହିତ କୃଷକମାନଙ୍କର ମଙ୍ଗଳ ସାଧିତ ହେବ।

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ ଜୟନ୍ତୀ ପାଳନ



ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଯାଜପୁର ତଥା ଓଡ଼ିଶାର ବରେଣ୍ୟ କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଜୟନ୍ତୀ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଉପସଭାପତି ବିଭୂତିଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୦ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜୟନ୍ତୀ ଉତ୍ସବରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧୂପ, ଦୀପ, ପ୍ରଜ୍ୱଳନ କରିବା ସହିତ ବସୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବସୁଙ୍କର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଦଶରଥ ସାମଲ ଯୋଗଦେଇ ବସୁ ସାହିତ୍ୟ ଓ ତାଙ୍କ ଲିଖିତ ୩୬ ଗୋଟି ପୁସ୍ତକର ବିଭିନ୍ନ ଦିଗରୁ ଗବେଷଣାତ୍ମକ ପର୍ଯ୍ୟାଲୋଚନା କରିଥିଲେ। ସଂପାଦକ ଡ. କାହ୍ନୁଚରଣ ମିଶ୍ର ବିବରଣୀ ପାଠ କରିବା ସହିତ ବସୁଙ୍କ କବିତାର ମାର୍ମିକ ଛନ୍ଦ ଆବୃତ୍ତି କରିଥିଲେ। ଅଧିକାରୀ ନବକିଶୋର ଦାସ, ପ୍ରାକ୍ତନ ଜୀବନବୀମା ଅଧିକାରୀ ସୁବାସ ମହାପାତ୍ର, ଅନ୍ୱେଷଣ ସଭାପତି ବୃନ୍ଦାବନ ମିଶ୍ର, ସଂପାଦକ ଅଭିମନ୍ୟୁ ମିଶ୍ର, ସୁକାନ୍ତ ନାୟକ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ରୋଗୀ, ରୋଗ ଏବଂ ଚିକିତ୍ସକ

ଶାରୀରିକ, ମାନସିକ, ସାମାଜିକ ଏବଂ ସାଂସ୍କୃତିକ ସୁସ୍ଥ ଠିକ୍ ଥିଲେ, ଜଣେ ବ୍ୟକ୍ତି ନିରୋଗ ଅଛି ବୋଲି ବୁଝିବାକୁ ହେବ। ଅର୍ଥାତ୍ ସେ ଜଣେ ସାଧାରଣ ଭାବେ ସୁସ୍ଥ ବ୍ୟକ୍ତି। ଏହାର ବ୍ୟତିକ୍ରମ ହିଁ ଜଣକୁ ରୋଗୀ ବନାଇଥାଏ। ଶରୀର ଆବଶ୍ୟକ କରୁଥିବା ଖାଦ୍ୟ, ପାନୀୟ, ବିଶ୍ରାମ ଏବଂ ପରିବେଶୀୟ ସନ୍ତୁଳନର ବ୍ୟତିକ୍ରମ ହେଲେ, ଆମଠି ରୋଗ ସୃଷ୍ଟି ହୁଏ। ରୋଗକୁ ସାଧାରଣ ଭାବେ ଆମେ ଦୁଇଭାଗରେ ବିଭକ୍ତ କରିବୁ । ଯଥା- ସଂକ୍ରମିତ ଏବଂ ଅସଂକ୍ରମିତ ରୋଗ। ରୋଗ ହେଲେ ରୋଗୀ ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି। ଚିକିତ୍ସାର ଅର୍ଥ ଔଷଧ ପ୍ରୟୋଗ କି ଅସ୍ତ୍ରୋପଚାର ଏବଂ ତଦ୍‌ଜନିତ ସେବାକୁ ବୁଝାଏ। ଚିକିତ୍ସାର ଅବହେଳାରେ ଅଚିନ୍ତନୀୟ ଅବସ୍ଥା ଘଟିପାରେ।

ଜନସାଧାରଣଙ୍କର ସେବା ପାଇଁ ସରକାରଙ୍କ ତରଫରୁ ଗ୍ରାମାଂଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଗୋଷ୍ଠୀକେନ୍ଦ୍ରମାନ ସ୍ଥାପନ ହୋଇଛି। ଜିଲ୍ଲାର ସଦର ମହକୁମାମାନଙ୍କରେ ବଡ଼ ଡାକ୍ତରଖାନା ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନ ଖୋଲାଯାଇଛି। ଦୁଃଖ ଯେ ଏସବୁ ସତ୍ୱେ ବିଭାଗୀୟ ଡାକ୍ତରମାନଙ୍କ ଅଭାବ ରହିଛି। କେହି ନିଜ ସୁବିଧା ଦେଖି ଆସନ୍ତି ବା ଯାଆନ୍ତି । ଏପରିସ୍ଥଳେ ଅଭାବୀ ରୋଗୀଟି ବାଧ୍ୟ ହୋଇ ଘରୋଇ ଚିକିତ୍ସାଳୟ ଧାଆଁନ୍ତି ଏବଂ ସେଠାରେ ଭୟଙ୍କର ଭାବେ ଶୋଷିତ ହୁଅନ୍ତି। କଥାରେ କୁହନ୍ତି: ରୋଗୀ ମଲେ ବା ବଂଚିଲେ ଡାକ୍ତରର ଯାଏ ଆସେ ନାହିଁ। ତାର ମାହାସୁଲ ଦରକାର।

ପଇସାବାଲା ଏବଂ ବଡ଼ବଡ଼ିଆ ପାଇଁ ଚିନ୍ତା ନାହିଁ। ସେମାନେ ପଇସା ବା ନିଜର ପ୍ରତିପତି ବଳରେ ସାରା ଦୁନିଆକୁ ଆପଣେଇପାରିବେ। ଅବଶ୍ୟ ରୋଗ ନେଇ ରୋଗୀର ବଂଚିବା ମରିବା ନିର୍ଭର କରେ। ସାଧାରଣ ବ୍ୟକ୍ତିଟିଏ ପାଇଁ ଏବେ ଚିକିତ୍ସା ଅପହଂଚ। ଔଷଧର ଦାମ ଏତେ ବଢ଼ିଛି ଯେ ସେ ତାର ସର୍ବସ୍ୱ ସାରିବି ବଂଚିପାରୁନାହିଁ। ଔଷଧ କଂପାନୀମାନଙ୍କ ପ୍ରତି ସରକାରଙ୍କର କୌଣସି ଲଗାମ ନାହିଁ। ସେମାନେ ମନଇଚ୍ଛା ଔଷଧ ଦାମ୍ ବଢ଼ାଇଥାଆନ୍ତି । ଏମିତିକି ଅଳ୍ପ ସମୟ ବ୍ୟବଧାନରେ ଔଷଧର ଦାମ୍ ଦୁଇଗୁଣ ହେବାର ନଜିର ଅଛି।

ଡାକ୍ତରଖାନାରେ ଔଷଧ ଅଛି, ସେଗୁଡ଼ିକର ବ୍ୟାବହାରିକ ସମୟ ସୀମା ରହି ରହି ନୂଆ ପୁରୁଣା କାରଣରୁ ଫିଙ୍ଗା ଯାଉଛି । ଅଥଚ ରୋଗୀକୁ ଔଷଧ କିଣିବା ପାଇଁ ପାଖ ଦୋକାନକୁ ପଠାଇ ଦିଆଯାଉଛି। ଏଠାରେ ଡାକ୍ତର ଓ ଦୋକାନୀମାନଙ୍କର ମଧୁଚନ୍ଦ୍ରିକା ବା ଅସାଧୁ ମେଂଟ ଚାଲିଛି। ସେହିପରି ଡାକ୍ତରଖାନାରେ ପାଥୋଲୋଜି ବ୍ୟବସ୍ଥା ଥିଲେ ବି, ସାମ୍ନା ଦୋକାନକୁ ପଠାଇ ଦିଆଯାଉଛି। ଡାକ୍ତର ଯେମିତି ଅଧିକା ଦାମିକା ଔଷଧ ଲେଖିବେ, ସେତିକି ଡ୍ରଗିଷ୍ଟର ଲାଭ, କଂପାନୀର ଲାଭ ଏବଂ ଡାକ୍ତରଙ୍କ ପ୍ରତିଶତ ଲାଭ ସେତିକି। ଏବେ ଡାକ୍ତରଖାନାମାନଙ୍କରେ ଦଲାଲି କାରବାର। ସରକାରୀ ଡାକ୍ତରଖାନାର ଡାକ୍ତର ରୋଗୀକୁ ପଠାଇଦେଉଛନ୍ତି କୋଉ ନର୍ସିଂହୋମ୍‌କୁ। ନଚେତ୍ ତାଙ୍କ କ୍ଲିନିକ୍‌କୁ ଯିବାକୁ ପରାମର୍ଶ ଦେଉଛନ୍ତି। ସାଧାରଣ ରୋଗୀକୁ ଘରୋଇ ଡାକ୍ତରଖାନାମାନଙ୍କରେ ଜବରଦସ୍ତ ବେଡ୍ ବା ଆଇସିୟୁରେ ଭର୍ତି କରାଯାଉଛି। ତାକୁ ଶୋଷଣ କରାଯାଉଛି। ବଡ଼ ବଡ଼ ସହରରେ ଗଢ଼ି ଉଠିଥିବା ଘରୋଇ ଡାକ୍ତରଖାନାମାନଙ୍କଙ୍କରେ ଏହା ଏକ ନିତିଦିନିଆ ଘଟଣା। ଏମିତି ଅନେକ ଗରିବ ଲୋକ ପୂର୍ଣ୍ଣ ଆରୋଗ୍ୟ ହେବା ପୂର୍ବରୁ ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଛନ୍ତି। କାହା ପାଇଁ ବି 'ରାମନାମ ସତ୍ୟହେ' ସତ୍ୟ ହେଉଛି। ଏଗୁଡ଼ାକ ସବୁ ଅଙ୍ଗେଲିଭା କଥା। ଏମାନେ ଏମିତି ଏକ ଯମାଳୟ ସାଜିଛନ୍ତି ଯେ ଥରେ ଘରେ ଟିଙ୍କ ଲାଖେ ଝୁଣିକି ରକ୍ତ ଶୋଷି ନେବେ। କବିର ଭାଷାରେ- ଶାଗୁଣା, ଶୃଗାଳ ଡାକ୍ତର ହେଲେକି ମଡ଼ା ଦେହେ ଥିବ ପ୍ରାଣ...। ମୋଟ ଉପରେ କହିବାକୁ ଗଲେ ପଇସା ନାହିଁ ତ, କେହି ଶୁଣିବାର ନାହିଁ ।ସାଧାରଣ ଲୋକଙ୍କୁ ଏସବୁ ଦୌରାତ୍ମ୍ୟରୁ ରକ୍ଷା କରିବା ନିମନ୍ତେ ଇଣ୍ଡିଆନ୍ ମେଡିକାଲ କାଉନ୍‌ସିଲ (ଏମ୍‌ସିଆଇ) ଏକ ନୂଆ ପଦକ୍ଷେପ ନେଇଛନ୍ତି। ସେ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ରୋଗୀକୁ ଶସ୍ତାରେ ମେଡିସିନ୍ ଦେବା ପାଇଁ ପ୍ରେସ୍କ୍ରିପ୍‌ସନ୍‌ରେ ଜେନେରିକ୍ ମେଡିସିନ୍ ଲେଖନ୍ତୁ। ଡାକ୍ତରମାନେ ଯେପରି ଏହାକୁ କଡ଼ାକଡ଼ି ଭାବେ ପାଳନ କରିବେ, ସେ ନେଇ ଏମ୍‌ସିଆଇ ସବୁ ମେଡିକାଲ କଲେଜ ଏବଂ ରାଜ୍ୟ ମେଡିକାଲ୍ କାଉନ୍‌ସିଲକୁ ଚିଠି ଲେଖି ଜଣାଇଛନ୍ତି। ଦେଶର ସମସ୍ତ ମେଡିକାଲ କଲେଜ ଏବଂ ରାଜ୍ୟର ମେଡିକାଲ୍ କାଉନ୍‌ସିଲ ଏହି ବ୍ୟବସ୍ଥାକୁ ଯେମିତି ଲାଗୁ କରିବେ ତାହା ବି ବାଧ୍ୟ କରିଛନ୍ତି। ଖିଲାଫକାରୀଙ୍କୁ ଦଣ୍ଡଦେବାର ମଧ୍ୟ ବ୍ୟବସ୍ଥା ରଖିଛନ୍ତି ।ଏହି ଜେନେରିକ୍ ମେଡିସିନ୍ ଦାମ୍ ବହୁତ କମ୍। ଏଣୁ ଡାକ୍ତରମାନେ ଏହିପରି ଜେନେରିକ୍ ଔଷଧର ପ୍ରେସ୍କ୍ରିପ୍‌ସନ୍ ଦେଲେ, ରୋଗୀମାନେ ଉପକୃତ ହୋଇପାରିବେ। ଏଥିପାଇଁ ସରକାର ମେଡିକାଲ କଲେଜ, ଶିଶୁଭବନ ଏବଂ କ୍ୟାପିଟାଲ ହସ୍‌ପିଟାଲମାନଙ୍କରେ ଷ୍ଟୋରମାନ ରଖିଛନ୍ତି। ଜନଔଷଧୀ ମାଧ୍ୟମରେ ମଧ୍ୟ ଏହି ଜେନେରିକ୍ ଔଷଧ ଦେବାର ବ୍ୟବସ୍ଥା ଅଛି । ଏ ପ୍ରକାର ବ୍ୟବସ୍ଥାରେ ଅନ୍ତତଃ ଔଷଧ କଂପାନୀମାନଙ୍କ ଦାଉରୁ ମଧ୍ୟ ମୁକ୍ତି ମିଳିପାରିବ। ସରକାରଙ୍କର ଏ ପ୍ରକାର ପଦକ୍ଷେପକୁ ସ୍ୱାଗତ କରାଯାଇପାରେ। ତେବେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରୁଛି ଏବଂ ଖିଲାଫକାରୀଙ୍କୁ କି ପ୍ରକାର ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉଛି, କେବଳ ତାହାକୁ ଅପେକ୍ଷା କରିବାର ଅଛି ।

# ମୃତ୍ୟୁକ୍ଷେତ୍ର : ଧର୍ମଘଟ ଓ ଟ୍ରାଫିକ୍ ଜାମ୍

ଭୁବନେଶ୍ୱର (ପିଏନ୍): ଏକ ଛାତିଥରା ଘଟଣାକ୍ରମରେ ନିକଟଅତୀତରେ ଭୁବନେଶ୍ୱରର ପ୍ରମୁଖ ଗହଳି ଅଞ୍ଚଳ ନାଲକୋ ଛକରେ ଏକ ଆମ୍ବୁଲାନ୍ସ ଟ୍ରାଫିକ ଭିଡ଼ରେ ଫସି ତା' ଭିତରେ ଥିବା ଜଣେ କୋମଳମତି ଶିଶୁର ଜୀବନ ଚାଲିଗଲା। ସରକାରଙ୍କ ଉନ୍ନତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାର ଏହା ଏକ ନଗ୍ନ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ପିଲାଟିର ଅମୂଲ୍ୟ ଜୀବନଦୀପଟି ଲିଭିଗଲା। ଭୁବନେଶ୍ୱର ଟ୍ରାଫିକ ପୋଲିସ ଯେତେବେଳେ ବିନା ହେଲମେଟଧାରୀ ଗାଡ଼ିଚାଳକ ଓ ରଙ୍ଗରୁଟ୍‌ବାଲାଙ୍କ ପାଇଁ ଅତ୍ୟନ୍ତ କଠୋର ହେଉଛି ସେହି ସମୟରେ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ଦାୟିତ୍ୱକୁ କିପରି ଅଣଦେଖା କରୁଛି ? କିଛିଦିନ ତଳେ ରଙ୍ଗରୁଟ୍‌ରେ ଆସୁଥିବା ଜଣେ ମହିଳାଙ୍କ ଆକୁତିଭରା ଟ୍ରାଫିକବାବୁଙ୍କୁ ଚାବି ଫେରାଇବାକୁ ନିବେଦନର ଭିଡ଼ିଓ ସୋସିଆଲ ସାଇଟରେ ଆଲୋଡ଼ନ ସୃଷ୍ଟି କରିଥିଲା। ନିଷିଦ୍ଧ ରାସ୍ତାରେ ଗାଡ଼ି ଚଲାଇ ଏହି ମହିଳା ଜଣଙ୍କ ଘରେ ତାଙ୍କ ପିଲାଟିକୁ ଛାଡ଼ି ଆସିଥିବାର ଦୁଃଖଦ କଷ୍ଟ ବି ସେ ପୋଲିସବାବୁଙ୍କୁ କହୁଥିଲେ ବି ତାଙ୍କ ଭିତରେ କିନ୍ତୁ ତିଳେମାତ୍ର ଦୟାମାୟା ନଥିଲା। ଏହିପରି ଘଟଣା ନିୟମିତ ଘଟୁଛି। ଟ୍ରାଫିକ ଜାମ ପରି ଧର୍ମଘଟ ମଧ୍ୟ ଆଜିର ସମୟରେ ଆମ ଜନଜୀବନର ବ୍ୟବସ୍ଥାକୁ ଦିନକୁ ଦିନ ଦୁର୍ବିସହ କରିଦେଉଛି। ଧର୍ମଘଟ ପ୍ରସଙ୍ଗ ଆଲୋଚନା କଲାବେଳେ ଦିଲ୍ଲୀ ସାଇନବାଗର ସିଏଏ ବିରୋଧୀ ଆନ୍ଦୋଳନକାରୀ-ମାନେ ରାସ୍ତା ଅବରୋଧ କରିପାରିବେନି ବୋଲି ମାନ୍ୟବର ସୁପ୍ରିମକୋର୍ଟ କଡ଼ା ଅସନ୍ତୋଷରେ କହିଛନ୍ତି। ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ମାଆ ତାଙ୍କ ଚାରିମାସର ଶିଶୁକୁ ଧରି ଆନ୍ଦୋଳନରତ ଥିଲେ ଓ ପରେ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ମାନ୍ୟବର କୋର୍ଟ ପ୍ରଶ୍ନ କରିଥିଲେ ଯେ ଚାରିମାସର ଶିଶୁ କ'ଣ ଆନ୍ଦୋଳନରେ ଅଂଶଗ୍ରହଣ କରିପାରିବ କି ?

ସରକାରୀ କ୍ଷେତ୍ର, ବେସରକାରୀ ସଂଗଠନ ଓ ସରକାରଙ୍କ ବିଭିନ୍ନ ଉଦ୍ୟୋଗଠାରୁ ସବୁ କ୍ଷେତ୍ରରେ ନିଜ ଦାବି ଓ ମତ ଉପସ୍ଥାପନ ପାଇଁ ଧର୍ମଘଟର ଦୃଶ୍ୟ ଦେଖିବାକୁ ମିଳୁଛି। କେତେକ ପ୍ରସଙ୍ଗରେ ଧର୍ମଘଟର ଅବଧି ମାସ ମାସ ପର୍ଯ୍ୟନ୍ତ ଲମ୍ବିଯାଉଛି। ଧର୍ମଘଟ ସମୟରେ ରାଜପଥ ଅବରୋଧ ହୋଇ ମାଲ ପରିବହନ କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥାଏ। ଟନ ଟନ ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ସହ ଜାଳେଣି ଗ୍ୟାସ ଓ ପେଟ୍ରୋଲର ଟ୍ୟାଙ୍କର ଅଟକି ସ୍ଥାନୀୟ ଅଞ୍ଚଳରେ ଖାଉଟିଙ୍କ ଅସନ୍ତୋଷକୁ ତୀବ୍ର ରୂପ ନେଇଥାଏ ମଧ୍ୟ। ଧର୍ମଘଟରେ ଅଭାବନୀୟ ଘଟଣା ବେଳେ ବେଳେ ଦେଖିବାକୁ ମିଳିଥାଏ। ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେବା ସହ ଲୁଟପାଟ ମଧ୍ୟ ହୋଇଥାଏ। ସେହିପରି ବେସରକାରୀ କ୍ଷେତ୍ରରେ କ୍ଷତିର ତାଲିକା ଆହୁରି ଲମ୍ବିଥାଏ। ଧର୍ମଘଟ ପାଇଁ ଆମ୍ବୁଲାନ୍ସକୁ ବି ଠପ୍ କରିଦିଆଯାଏ। ମୁମୂର୍ଷୁ ରୋଗୀଟିର ଜୀବନଦୀପ ଲିଭିଯାଏ। ଟ୍ରେନ୍ ଅଟକି ରହେ ଯାହାଦ୍ୱାରା ନିଯୁକ୍ତି ପତ୍ର ପାଇଥିବା ପିଲାଟି ଚାକିରୀରେ ଯୋଗ ଦେବାରୁ ବଞ୍ଚିତ ହୋଇଥାଏ। ଏହିପରି ଅନେକ କ୍ଷତି ଧର୍ମଘଟର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦେଖିବାକୁ ମିଳିଥାଏ। ଆଉ ଧର୍ମଘଟ ବା ବନ୍ଦ ଡାକରାରେ ସାଧାରଣ ଖଟିଖିଆମାନେ କ୍ଷତିଗ୍ରସ୍ତ ହୋଇଥା'ନ୍ତି। ସେମାନଙ୍କ ଚୁଲି ଜଳିବା ବି ସମ୍ଭବ ହୋଇନଥାଏ। ପ୍ରଶ୍ନ ଉଠେ ଯେ ଧର୍ମଘଟ ବା ବନ୍ଦ ଡାକାରା ଶାନ୍ତିପୂର୍ଣ୍ଣ ଭାବେ ସଂଗଠିତ ହୋଇଥାଏ ବୋଲି ଦାବି କରାଯାଇଥାଏ, ହେଲେ ବାସ୍ତବିକ ସ୍ଥିତି କିନ୍ତୁ ସଂପୂର୍ଣ୍ଣ ଭିନ୍ନ। ଆଉ ଧର୍ମଘଟରେ ଯଦି ସରକାରୀକଳର ସମର୍ଥନ ଥାଏ ତାହାହେଲେ ତ' ଅବସ୍ଥା ମୁସ୍‌କିଲ୍। ଧର୍ମଘଟକୁ ତୀବ୍ର ବିରୋଧ କରାଯାଇ ଏଥିନେଇ ନ୍ୟାୟାଳୟ ଏହା ଉପରେ ଅନେକ ସମୟରେ ରୋକ୍ ଲଗାଇଛନ୍ତି। ହେଲେ ଧର୍ମକୁ ଆଖିଠାର ମାରିଲା ପରି ନ୍ୟାୟାଳୟର ଗୁରୁତ୍ୱପୂର୍ଣ୍ଣ ରାୟକୁ ଅଳିଆ ଗଦାରେ ଏକପ୍ରକାର ଫୋପଡାଯାଇ ଧର୍ମଘଟ ଚାଲୁଛି।

ବିଭିନ୍ନ ସମୟରେ ଦେଶର ପ୍ରମୁଖ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତବନ୍ଦ ଡାକରା ଦିଆଯାଉଛି। ଆମ ରାଜ୍ୟର କେତେକ ସ୍ଥାନରେ ବି ଏହାର ପ୍ରଭାବ ଅନୁଭୂତ ହୋଇଛି। କଟକ-ଭୁବନେଶ୍ୱର ଭଳି ମହାନଗରୀରେ ବସ୍, ଅଟୋ ଇତ୍ୟାଦି ଯାତ୍ରୀ ଯାନବାହନ ଚଳାଚଳ ବନ୍ଦ ରହିବା ଦ୍ୱାରା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପେଟ୍ରୋଲପମ୍ପ ବନ୍ଦ ଥିବାରୁ ସେମାନେ ଅଧିକ ଅସୁବିଧା ଭୋଗୁଛନ୍ତି। ବ୍ୟାଙ୍କ ବନ୍ଦ ରହିଥିବାରୁ ଟଙ୍କାପଇସା କାରବାର କରାଯାଇପାରୁନାହିଁ। ଗୋଟିଏ କଥାରେ କହିଲେ ଦେଶର ପ୍ରମୁଖ ଅଞ୍ଚଳଗୁଡ଼ିକରେ ବନ୍ଦ ପ୍ରଭାବରୁ ଲୋକେ ଅସୁବିଧା ଭୋଗୁଛନ୍ତି। ତେବେ ବଡ଼ ପ୍ରଶ୍ନ ହେଉଛି, ଏ ଦେଶବ୍ୟାପୀ ଧର୍ମଘଟ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ପ୍ରତି ସରକାର କ'ଣ ଧ୍ୟାନ ଦେବେ? ଯେଉଁ ସମସ୍ୟା ରହିଛି, ତା'ର ସମାଧାନ କରିପାରିବେ? ଭାରତର ଅର୍ଥବ୍ୟବସ୍ଥା ଏବେ ଯେଉଁ ସ୍ଥିତିରେ ରହିଛି, ସେଥିରେ ଏଭଳି ଧର୍ମଘଟର କୁପ୍ରଭାବ ବହୁ ସମସ୍ୟାକୁ ଜନ୍ମଦେବ ସିନା ସମସ୍ୟା ନିବାରଣରେ ସାହାଯ୍ୟ କରିପାରିବ ନାହିଁ। ତେଣୁ ଯେଉଁମାନେ ଧର୍ମଘଟ କରୁଛନ୍ତି, ସେମାନେ ଏଥିନେଇ ବହୁବାର ଚିନ୍ତା କରିବାର ଆବଶ୍ୟକତା ରହିଛି। ଏପରିସ୍ଥଳେ ଧର୍ମଘଟ ଅର୍ଥନୀତି ପାଇଁ ଦିନକୁ ଦିନ ଘାତକ ସାବ୍ୟସ୍ତ ହେଉଛି। ସବୁଠୁ ବଡ଼ ଚିନ୍ତାର ବିଷୟ ହେଉଛି ବିଭିନ୍ନ କ୍ଷେତ୍ରରେ ବିଦେଶୀ ପୁଞ୍ଜି ଲଗାଣ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ସେପରି ହେଲେ ଅର୍ଥବ୍ୟବସ୍ଥା ଉପରେ ତା'ର ସିଧାସଳଖ କୁପରିଣତି ଦେଖିବାକୁ ମିଳୁଛି। ଏଥିନେଇ ସତର୍କ ହେବା ଜରୁରୀ। ଧର୍ମଘଟକାରୀମାନେ କେବଳ ସରକାରଙ୍କ ଧ୍ୟାନ ଆକର୍ଷଣ ପାଇଁ ଯେତିକି କରିବା କଥା କରନ୍ତୁ, ନଚେତ୍ ଏହା ଆମ ସଭିଙ୍କ ପାଇଁ ଦୁଃସମ୍ବାଦ ନେଇ ହିଁ ଆସିବ।

## ଦେଓମାଳି ପର୍ବତ ଶୃଙ୍ଗରେ କବି ସୁନୀଲ ମିଶ୍ରଙ୍କ 'ଶବ୍ଦ ଯେ ଅମୃତ' ପୁସ୍ତକ ଉନ୍ମୋଚିତ

ବାଙ୍କୀ/କଟକ/ଭୁବନେଶ୍ୱର (ପିଏନ୍): ଓଡ଼ିଶା ସୀମା ସୁରକ୍ଷା ଅଭିଯାନର 'ଚାଲ ଦେଓମାଳି, ଚାଲ କୋଟିଆ' ଅଭିଯାନରେ ସାମିଲ ହୋଇଥିବା ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ତଥା ସୁ-ସାହିତ୍ୟିକ, ଶିକ୍ଷକ ସୁନୀଲ କୁମାର ମିଶ୍ରଙ୍କ ପୁସ୍ତକ 'ଶବ୍ଦ ଯେ ଅମୃତ' ରାଜ୍ୟର ଉଚ୍ଚତମ ଶୃଙ୍ଗ ଦେଓମାଳି ପାହାଡ଼ ଉପରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସୀମା ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତା, କବି ତଥା ଶିକ୍ଷାବିତ୍ କୃଷ୍ଣ ସିଂହଙ୍କ ଦ୍ୱାରା ଉକ୍ତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। 'ଅ'ଠାରୁ 'କ୍ଷ' ଅକ୍ଷର କ୍ରମେ ବର୍ଣ୍ଣମାଳା ଭିତ୍ତିରେ ଏକ ହଜାର ଏକ ସାରସ୍ୱତ ବାଣୀର ଏକତ୍ର ସଂକଳନ ଉକ୍ତ ପୁସ୍ତକକୁ କଟକର ଶକ୍ତି ପବ୍ଲିଶର୍ସ ପ୍ରକାଶନ କରିଛନ୍ତି। ଉକ୍ତ ସାଂସ୍କୃତିକ ସ୍ୱାଭିମାନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ, କୋରାପୁଟର ପ୍ରାକ୍ତନ ଜିଲ୍ଲାପାଳ ଗଦାଧର ପରିଜା, ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର, ଓଡ଼ିଶା ଜନ ଅଧିକାର ପରିଷଦ ସଭାପତି ବିଜୟ ପରିଡ଼ା, ଭାଷା ଆନ୍ଦୋଳନର ନେତା ମୂରଲୀଧର ଭାଷ୍ୟମ୍ ଯୋଗ ଦେଇଥିଲେ। ସଭାପତି ଶ୍ରୀଯୁକ୍ତ ଶତପଥୀ କବି ସୁନୀଲ ମିଶ୍ରଙ୍କ ଦେଶପ୍ରେମ, ପୂଜ୍ୟପୂଜା ପ୍ରାଣ, ସାରସ୍ୱତ ସ୍ମୃତିକୁ ପ୍ରଶଂସା କରି କୋଟିଆ ଚାଲ ଅଭିଯାନରେ କବିଙ୍କ ଯୋଗଦାନକୁ ସାଂସ୍କୃତିକ ପ୍ରେରଣା ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ ସାଂସ୍କୃତିକ ଓ ସୀମା ସୁରକ୍ଷା ଅଭିଯାନରେ ବାଙ୍କୀରୁ କବି କୌଶିକ ନାୟକ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରତ୍ନତତ୍ତ୍ୱ ଗବେଷକ ରବୀନ୍ଦ୍ର କୁମାର ରଣା, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, ସାମାଜିକ କର୍ମୀ ଧନେଶ୍ୱର ବଳୀୟାର ସିଂହ, ଆଇନଜୀବୀ ରଣଜିତ ତ୍ରିପାଠୀ, କବି କାମଦେବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବାଲେଶ୍ୱରରେ ୟୁନିୟନ ବ୍ୟାଙ୍କର ସଚେତନତା ପଦଯାତ୍ରା



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ୟୁନିୟନ ବ୍ୟାଙ୍କ ମୁଖ୍ୟ ଶାଖାଠାରୁ ଆରମ୍ଭ କରି ଫକରୀମୋହନ ଗୋଲେଇ ଦେଇ ଆଇ.ଟି.ଆଇ ଛକ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ବାଲେଶ୍ୱର ୟୁନିୟନ ବ୍ୟାଙ୍କ ତରଫରୁ ଆୟୋଜନ କରାଯାଇଥିଲା। ଏହି ସଚେତନା ପଦଯାତ୍ରା ଭିଜିଲାନ୍ସ ଆୱାରନେସ୍ ଏବଂ ସଚୋଟ ନାଗରିକ ବିକଶିତ ରାଷ୍ଟ୍ରର ନିର୍ମାଣ କରିବା ଉଦ୍ଦେଶ୍ୟରେ ଦୁର୍ନୀତିମୁକ୍ତ ଭାରତ ଏବଂ ବିକଶିତ ଭାରତ ଗଢ଼ିବା ପାଇଁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ୟୁନିୟନ ବ୍ୟାଙ୍କ ମୁଖ୍ୟ ନିରଞ୍ଜନ ବାରିକ, ଉପମୁଖ୍ୟ ଗଜେନ୍ଦ୍ର ଦାସ, ମୁଖ୍ୟ ପ୍ରବନ୍ଧକ ଜୀବନଜ୍ୟୋତି ବେହେରା, ସଚେତକ ବିରଂଚି ମହାନ୍ତି, ମେଘନା ମାରାଣ୍ଡି ଓ ସମସ୍ତ ଲୋକାଲ ସଦସ୍ୟ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday August 17 2024 ଭୁବନେଶ୍ୱର ଶନିବାର, ଅଗଷ୍ଟ ୧୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମୃତ କଲିକତା ମହିଳା ଡାକ୍ତରଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଯାତ୍ରା




ଭୁବନେଶ୍ୱର,(ପି.ଏନ): କଲିକତାର ଆରଜିକର ମେଡିକାଲ କଲେଜ ଆଣ୍ଡ ହସପିଟାଲ ର ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ପ୍ରସଙ୍ଗରେ ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ସତ୍ୟନଗର କାଳି ମନ୍ଦିର ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ରାମ ମନ୍ଦିର ଠାରେ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏହି ପ୍ରସଙ୍ଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଛନ୍ତି ଯେ ପଶ୍ଚମବଙ୍ଗ ପ୍ରଶାସନ ମୃତ ମହିଳା ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦିଅନ୍ତୁ। ପଶ୍ଚିମବଙ୍ଗରେ ମହିଳା ଅସୁରକ୍ଷିତ ରହିଥିବାର ଏହା ଜ୍ୱଳନ୍ତ ଉଦାହରଣ। ଛାତ୍ର କଂଗ୍ରେସ ପକ୍ଷରୁ ମୃତକଙ୍କ ପରିବାରକୁ ନ୍ୟାୟ ଏବଂ ଅପରାଧିକୁ ତୁରନ୍ତ ଦଣ୍ଡବିଧାନ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାସିର ନୱାଜ, ରଣଜିତ ପାତ୍ର, ସନ୍ତୋଷ ଜେନା, କିରଣ ସାହୁ, ସୁଦୀପ ସାମଲ, ନିହାର ବେହେରା, ମହମ୍ମଦ ପରଭେଜ, ବିଶ୍ୱଭୂଷ ମହାପାତ୍ରା, ସାହାରୁଖ ଖାନ, ଅଖିଳେଶ ଯାଦବ, ଲିପିକା ପାତ୍ର, ଭାଗ୍ୟଶ୍ରୀ ମହାନ୍ତି, ସମିଉଲ ହକ, କାର୍ତ୍ତିକେଶ୍ୱର କାଣ୍ଡି, ନିଆଜୁଲ ଇସଲାମ, ମହମ୍ମଦ ସାମୁଇଲ ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅହେମଦିଆ ସଂପ୍ରଦାୟର ସ୍ୱାଧୀନତା ଦିବସ ପାଳନ

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡାର ଅହେମଦିଆ ସଂପ୍ରଦାୟ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହରର ବଡହାଟସ୍ଥିତ ଅହେମଦିଆ ମସଜିଦ ପ୍ରାଙ୍ଗଣରେ ଅହେମଦିଆ ସଂପ୍ରଦାୟର ସଭାପତି ସେଖ ସଲିମ ଅହେମଦ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ମୌଲାନା ସେଖ ସାହାବୁଦ୍ଦିନ କହିଥିଲେ ଯେ ପୈଗମ୍ବର ହଜରତ ମହମ୍ମଦ ସଲ୍ଲମଙ୍କ ମହତ ବାଣୀ ହେଉଛି ଦେଶପ୍ରେମ ଧର୍ମ ବିଶ୍ୱାସର ଏକ ଅବିଚ୍ଛେଦ ଅଙ୍ଗ। ଏହି କାର୍ଯ୍ୟକ୍ରମରେ ସେଖ ଆଲାଉଦ୍ଦିନ, ସେଖ ମୁର୍ଶିଦ ଅହେମଦ, ସେଖ ନସିରୁଦ୍ଦିନ, ପ୍ରମୁଖ ଜମାତର ଭଦ୍ରବ୍ୟକ୍ତିଙ୍କ ସମେତ ଯୁବବର୍ଗର ପିଲାମାନେ ଉପସ୍ଥିତ ଥିଲେ। ଶେଷରେ ସେଖ ନିଜାମୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଟଳ ଜୀ ଙ୍କ ର ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ସାଂସଦ ରୁଦ୍ର ପାଣିଙ୍କ ଆହ୍ୱାନ



ଅନୁଗୁଳ,(ପି.ଏନ):ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଙ୍କର ପୁଣ୍ୟ ତିଥି ପାଳିତ ହୋଇଯାଇଛି ।ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ଅଟଳବିହାରୀ ବାଜପେୟୀ ବିଶ୍ୱର ଜଣେ ଅଦ୍ୱିତୀୟ ନେତା ଥିଲେ, ଦଳ ମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଭଲ ପାଉଥିଲେ, ସେ ଏକାଧାରରେ ଜଣେ ଲେଖକ, କବି, ତଥା ସବୁ ଜଟିଳ ପରିସ୍ଥିତି କୁ ସାମ୍ନା କରି ସହଜ ବାଟ ବାହାର କରି ପାରୁଥିଲେ ।ପାକିସ୍ତାନ କୁ ଶାନ୍ତି ର ଦୂତ ସାଜି ଲାହୋର ବସ ଚଳାଇବା ସହ କାର୍ଗିଲ ଯୁଦ୍ଧ କରି ବିଜୟୀ ହେବାରେ ସିଦ୍ଧହସ୍ତ ଥିଲେ ବାଜପେୟୀ ।ପ୍ରବଳ ବିରୋଧ ସତ୍ୱେ ପୋଖରାନ ପରମାଣୁ ପରୀକ୍ଷଣ କରି ସମଗ୍ର ବିଶ୍ୱ କୁ ଚକିତ କରିଥିଲେ ।ସେ ଯେତିକି କୋମଳ ସେତିକି କଠୋର ଥିଲେ ।ବିଚକ୍ଷଣ ବୁଦ୍ଧି ଯୋଗୁଁ ବିରୋଧୀ ଦଳରେ ଥିବା ସତ୍ୱେ ଶାସକ ଦଳ ତରଫରୁ ବିଦେଶ ରେ ଦେଶ ପାଇଁ ପ୍ରତିନିଧିତ୍ୱ କରି ସୁନାମ ଆଣିଥିଲେ ।ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ରେ ଯୋଗଦେଇ ପରବର୍ତ୍ତୀ ସମୟରେ ଜନସଂଘ ଓ ବିଜେପି ରେ ପ୍ରତିଷ୍ଠାତା ସଭାପତି ଭାବେ ଦାୟିତ୍ୱ ତୁଲାଇ ରାଷ୍ଟ୍ରବାଦୀ ବିଚାର ଧାରାରେ ଅନୁପ୍ରାଣିତ ହେବା ପାଇଁ କାର୍ଯ୍ୟକର୍ତା ମାନଙ୍କୁ ଦିଗଦର୍ଶନ ଦେଇଥିଲେ ।ବାଜପେୟୀ ଙ୍କ ଆଦର୍ଶ ରେ ରାଷ୍ଟ୍ର ପ୍ରଥମ ବିଚାରରେ ଆଜିର କାର୍ଯ୍ୟକର୍ତା ଅନୁପ୍ରାଣିତ ହେବା ପାଇଁ ସାଂସଦ ଶ୍ରୀ ପାଣି ଆହ୍ୱାନ ଦେଇଥିଲେ ।ଆଜିର କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ଜିଲ୍ଲା ଉପ ସଭାପତି ଅମୀୟ ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ, ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନ, ବିଶ୍ୱଜିତ ମିଶ୍ର, ସମୋନାଥ ରାଉତ, ବିଜୟ ମାଝୀ, ସିଦ୍ଧାର୍ଥ ରାଉତରାୟ, ବସନ୍ତ ମରୀ ପ୍ରଧାନ, ସୁଜାତା ଦାସ, ସରିତା ମିଶ୍ର, ନମିତା ଦଳ ବେହେରା, ଅପର୍ଣ୍ଣା ସାହୁ, ଶୁଚିସ୍ମିତା ତ୍ରିପାଠୀ, ମୁଲତା ସାହୁ, ରୋଜାଲିନ ଦାସ, ଦିଲ୍ଲୀପ ଦାସ, ମିଳାପ ପ୍ରଧାନ, କୁନା ଗଡ଼ନାୟକ, ଅର୍ଜୁନ ମୁଦୁଲି, ପ୍ରଦୀପ ପ୍ରଧାନ, ପ୍ରକାଶ ମଙ୍ଗରାଜ, ସନ୍ତୋଷ ନାଏକ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ହାତରେ କୋଟିପତି ଯୋଗାଣ ଅଧିକାରୀ : ସୁନା ବିସ୍କୁଟ୍ ଓ ହୀରା ହାର ଜବତ





କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟ କରୁଥିବା କୋଟିପତି ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ୍ତ କୁମାର ମହାପାତ୍ର ଆଜି ଦୁର୍ନୀତି ନିବାରଣ ବିଭାଗ ହାତରେ ଧରା ପଡିଛନ୍ତି। ତାଙ୍କର କେନ୍ଦ୍ରାପଡ଼ା, କଟକ ଓ ଭୁବନେଶ୍ୱର ପ୍ରଭୃତି ୫ଟି ସ୍ଥାନରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପ ି ଥିବା ଚଢଉ ବେଳେ ଜଣାପଡିଛି। ଏହି ଚଢାଉରୁ କଟକ ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣନଗରରେ ପ୍ଲଟ୍ ନଂ. ୧୪୩/୧୭୨୦ଉପରେ ଥିବା ଏକ ମହଲା ବିଶିଷ୍ଟ କୋଠା ଘର, ଭୁବନେଶ୍ୱର ଲିଙ୍ଗିପୁରର ପ୍ଲଟ୍ ନଂ. ୧୪୫/୧୮୬୪/୪୬୩୪ଉପରେ ଥିବା ୫୬୦୦ବର୍ଗଫୁଟ୍‌ର ଏକ ଦୁଇ ମହଲା ବିଶିଷ୍ଟ କୋଠା ଘର, କଟକ(କଲ୍ୟାଣନଗର) ଓ ଭୁବନେଶ୍ୱର (ଲିଙ୍ଗିପୁର) ମୁଖ୍ୟ ସ୍ଥାନରେ ଥିବା ଦୁଇଟି ଜମି ଚିହ୍ନଟ କରାଯାଇଛି। କେବଳ ଏତିକି ନୁହେଁ କଟକ ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରେ ତାଙ୍କ ପତ୍ନୀଙ୍କ ନାମରେ ଏକ ଲକର ରହିଥିବା ଜଣାପଡିଛି। ସେହିପରି ତାଙ୍କ ନାମରେ ଓ ପତ୍ନୀଙ୍କ ନାମରେ ଥିବା ବୀମା ରାଶିର ଯା ଚାଲିଛି। ତାଙ୍କ ଘରୁ ଏକ ଲକ୍ଷ ୨୧ ହଜାର ୫୦୦ ନଗଦ ଟଙ୍କା ଜବତ କରାଯାଇଛି। ତାଙ୍କ ଘରେ ଏକ କୋଟି ୩୪ ଲକ୍ଷ ୫୦୫ ଟଙ୍କା ଜମା ରହିଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ୬୯ ଲକ୍ଷ ୯୦୬୯ ଟଙ୍କା ଜମା ରହିଛି। ଏହାବ୍ୟତିତ ମ୍ୟୁଚୁଆଲ ଫଣ୍ଡରେ ୮୩ ଲକ୍ଷ ଟଙ୍କା ଜମା ଥିବା ଯା ବେଳେ ଜଣାପଡିଛି। ବ ର୍ମାନ ସୁଧା ମୋଟ ଜମା ରାଶି ୨ କୋଟି ୮୬ ଲକ୍ଷ ୯ ହଜାର ୫୬୯ ଟଙ୍କା ରହିଥିବା ଜଣାପଡିଛି। ତାଙ୍କ ଘରୁ ୮୫୦ ଗ୍ରାମର ସୁନା ଅଳଙ୍କାର ସମେତ ୪ଟି ସୁନା ବିସ୍କୁଟ୍ ଓ ଗୋଟିଏ ହୀରା ହାର ଜବତ କରାଯାଇଛି। ଏଥିସହ ଏକ ମାରୁତି ସୁଇଫ୍ଟ କାର ଓ ଦୁଇଟି ଦୁଇ ଚକିଆ ଗାଡି ଠାବ କରାଯାଇଛି। କେନ୍ଦ୍ରାପଡ଼ା ସରକାରୀ କାର୍ଯ୍ୟାଳୟ, କଟକ ନୂଆପଡ଼ାରେ ଥିବା ପୈତୃକ ସଂପ ି ଉପରେ ଚଢାଉ କରାଯାଇଛି। କଟକ ଭିଜିଲାନ୍ସ ଅଦାଲର୍ତରେ ସ୍ୱତନ୍ତ୍ର ଜଜ୍‌ଙ୍କ ଆଦେଶକ୍ରମେ ଏହି ଚଢଉ କରାଯାଇଥିବା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢାଉରେ ୪ ଜଣ ଡିଏସ୍‌ପି, ଜଣେ ସହକାରୀ କମାଣ୍ଡା , ୫ ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ ସହ ଯୋଗୀ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଏହି ଚଢଉ ଓ ଯା ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ଜଣାପଡିଛି।

## ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ପାଳିତ

ପାରାଦୀପ,(ପି.ଏନ): ଦେଶର ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ସ୍ୱତନ୍ତ୍ର ସାମାରୋହ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଜୁଲାଇ ମାସ ଶେଷ ସୁଦ୍ଧା ପାରାଦୀପ ବନ୍ଦର ୫୦ ଏମଏମଟି ପଣ୍ୟ କାରବାର ଅତିକ୍ରମ କରି ସାରିଛି । ଅନ୍ୟ ବନ୍ଦରମାନଙ୍କୁ ଅତିକ୍ରମ କରି ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ପାରାଦୀପ ବନ୍ଦର ବୋଲି ଅଧ୍ୟକ୍ଷ ହରନାଦ। ୨୦୩୦ ମସିହା ବେଳକୁ ପାରାଦୀପ ବନ୍ଦର ୪୦୦ ଏମଏମଟି, ଓ ୨୦୪୭ ମସିହା ବେଳକୁ ୫୦୦ ଏମଏମଟି ପଣ୍ୟ କାରବାର କରିବାର ଲକ୍ଷ୍ୟ ରଖିଛି। ୨୫ ଏମଏମଟି କ୍ଷମତା ବିଶିଷ୍ଟ ପଶ୍ଚିମ ଡକ୍ ୨୦୨୮ ମସିହା ବେଳକୁ କାର୍ଯ୍ୟକ୍ଷମ କରାଯିବାର ଲକ୍ଷ୍ୟ ରହିଥିବା ନେଇ ଶ୍ରୀ ହରନାଦ କହିଥିଲେ । ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ମାର୍ଚ୍ଚପାଷ୍ଟର କୃତି ଦଳଙ୍କୁ ବନ୍ଦର ଅଧ୍ୟକ୍ଷ ସମ୍ମାନୀତ କରିଥିଲେ । ସଂନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜୁ କନଭେନସନ୍ ସେ ର ପରିସରରେ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା କୃତି ଦଳମାନଙ୍କୁ ପୁରସ୍କୃତ କରିଥିଲେ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଜୟଶ୍ରୀ ଧଳଙ୍କର ଆଲବମ ଉନ୍ମୋଚିତ



ନୂଆଦିଲ୍ଲୀ,(ପି.ଏନ): ବିଶିଷ୍ଟ ଗାୟିକା ଡ଼ଃ ଜୟଶ୍ରୀ ଧଳଙ୍କର ନୂତନ ସଂଗୀତ ଆଲବମ "ଜାଗରେ,ସବୁଜ ଓଡ଼ିଶା ପାଇଁ ଲାଗରେ" ର ଶୁଭ ଉନ୍ମୋଚନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ନିକଟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର "ମାଆ ପାଇଁ ଗଛଟିଏ" ରୋପଣ କରିବାକୁ ଆହ୍ୱାନ ଦ୍ୱାରା ଅନୁପ୍ରାଣୀତ ହୋଇ ଜୟଶ୍ରୀ ଏହି ଗୀତଟିକୁ ଗାନ କରିଥିବା ଜଣାଯାଇଛି ।ଏହାର ସଂଗୀତ ରଚନା ଗଛ ମଣିଷ ଭାବେ ଖ୍ୟାତି ପ୍ରାପ୍ତ ଦିଲ୍ଲୀପ ଶ୍ରୀ ଚନ୍ଦନ କରିଥିବା ବେଳେ ସ୍ୱର ସଂଯୋଜନା ସୁନାମଧନ୍ୟ ସଙ୍ଗୀତଜ୍ଞ ଶାନ୍ତନୁ ନାୟକ କରିଛନ୍ତି ।ପରିବେଶ ସୁରକ୍ଷା ଏବଂ ବୃକ୍ଷ ରୋପଣ ସମ୍ପର୍କରେ ସାରା ଭାରତରେ ସଂଗୀତ ଜରିଆରେ ସଚେତନତା ସୃଷ୍ଟି କରିବା ପାଇଁ ଡ଼ଃ ଧଳ ଙ୍କର ଉକ୍ତ ଅନନ୍ୟ ଓ ଅସାମାନ୍ୟ ଅଭିଯାନ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କର ପୌରହିତ୍ୟରେ କଥିତ ଉନ୍ମୋଚନ ମାଧ୍ୟମରେ ଜାତୀୟ ରାଜଧାନୀ ନୂଆଦିଲ୍ଲୀଠାରୁ ପ୍ରାରମ୍ଭ ହୋଇଥିବା ର ସୂଚନା ମିଳିଛି ।ଏହି ଅବସରରେ ଅଭିଯାନର ଅନ୍ୟତମ ସାରଥୀ ସିଲଭର ଗାନ୍ଧୀ ଭାବେ ପ୍ରସିଦ୍ଧ ମୋହନ ମହାପାତ୍ର ଉପସ୍ଥିତ ଥିଲେ ।ଶ୍ରୀ ପ୍ରଧାନ ଉଭୟ ଡ଼ଃ ଧଳ ଓ ସିଲଭର ଗାନ୍ଧୀଙ୍କୁ ସେମାନଙ୍କର ମହତ ପ୍ରୟାସର ସଫଳତା ପାଇଁ ଶୁଭ କାମନା ଜଣାଇବା ସାଙ୍ଗକୁ ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କର କୁଷକ ରୋଡ଼ ସ୍ଥିତ ବାସ ଭବନଠାରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଯାଜପୁରର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ,ସମାଜସେବୀ ସୁଚିସ୍ମିତା ପୃଷ୍ଟି ଏବଂ ଯୁବ ଶିଳ୍ପଦ୍ୟୋଗୀ ଶୁଭେନ୍ଦୁ ଦାସ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଉନ୍ମୋଚିତ ସଂଗୀତ ଏବଂ ଏହାର ଅନ୍ତର୍ନିହିତ ବାର୍ତ୍ତାକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଡ଼ଃ ଧଳ ଓ ସିଲଭର ଗାନ୍ଧୀ ସେମାନଙ୍କର ସାଥୀ କାର୍ଯ୍ୟକର୍ତ୍ତା ଏବଂ ପ୍ରଶସଂକମାନଙ୍କ ସହିତ ଦିଲ୍ଲୀ ମହା ନଗରୀର କୋଣ ଅନୁକୋଣରେ ପଦଯାତ୍ରା କରି ପହଂଚୁଥିବାର ଦେଖା ଯାଇଥିଲା ।ଦକ୍ଷିଣ ଦିଲ୍ଲୀର ହାଉଜଖାସ ଏବଂ ଅନ୍ୟାନ୍ୟ ସ୍ଥାନରେ ପଦଯାତ୍ରୀ ଦଳକୁ ଶତାଧିକ ଜନସାଧାରଣ ଭବ୍ୟ ସ୍ୱାଗତ ଜଣାଇବା ସହିତ ସେମାନଙ୍କର ସାଧୁ ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କରୁଥିବା ଲକ୍ଷ୍ୟ ଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡ଼ଃ ଜୟଶ୍ରୀ ଧଳ ତାଙ୍କର ସଫଳ ସଂଗୀତ ସାଧନା ଓ ଉପଲବ୍ଧ ସିଦ୍ଧି ସାଙ୍ଗକୁ ଉଚ୍ଚକୋଟୀର ସମାଜସେବା ଏବଂ ଉତ୍ସର୍ଗୀକୃତ ଜନହିତକାରୀ କାର୍ଯ୍ୟ ପାଇଁ ସାଧାରଣରେ ବେଶ ପ୍ରସିଦ୍ଧି ଲାଭ କରିଛନ୍ତି । ବିଶେଷକରି ମହାନଗରରେ ଭ୍ରାମ୍ୟମାଣ ଅଳିଆ ଉଠା ଗାଡି ରେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ନିଜର ସଂଗୀତ ପରିବେଷଣ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରି ଡ଼ଃ ଧଳ ଖୁବ ଚର୍ଚ୍ଚିତ ହୋଇଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray